# ମାମୁ ଘରେ ଭଣଜାର ଆତ୍ମହତ୍ୟା

## ଦେଢ଼ବର୍ଷ ତଳେ ପ୍ରାଣ ହରାଇଥିଲେ ମା'

ବଳଙ୍ଗା,୨୭।୨(ସମିସ): ବଳଙ୍ଗା ଥାନା ନୂଆସନ୍ଥ ପଞ୍ଚାୟତ ଅଧୀନ କହ୍ଲଣା ଦିଅକସାହି ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କେତକୀପାଟଣା ଗ୍ରାମର ବିଶ୍ୱଜିତ ମହାପାତ୍ର (୨୪)। ସେ ତାଙ୍କ ମାମୁଘରେ ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ମାମୁ ଥାନାରେ ଅଭିଯୋଗ କରିଛନ୍ତି। ପିଲାଟି ବେଳୁ ବିଶ୍ୱଜିତ ତାଙ୍କ ବାପାଙ୍କ ମୃତ୍ୟୁ ପରେ ମାମୁ ଘରେ ରହୁଥିଲେ। କୌଣସି କାରଣରୁ ଗତକାଲି ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଦେଇଛନ୍ତି। ମାମୁ ରଘୁନାଥ ନାୟକ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କର ଭଣଜା ବିଶ୍ୱଜିତ ରାତିରେ ପରିବାର ଲୋକେ ଶୋଇପଡ଼ିବା ପରେ କୌଣସି କାରଣରୁ ଶେଣିରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିଲେ। ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିବା ସହ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି।

# ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସାଜିଛି ମୁକୁଳା ଟ୍ରାନ୍ସଫର୍ମର



ନାୟାହାଟ,୨୭।୨(ସମିସ): ନାୟାହାଟ ନିକଟସ୍ଥ ଗୋପୀକାନ୍ତପୁର ଉଚ୍ଚ ବିଦ୍ୟାଳୟ ପାଚେରିକୁ ଲାଗି ରହିଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏହି ରାସ୍ତାଦେଇ ପ୍ରତିଦିନ ଓଥକା, କୁଣ୍ଡେଇ ହାଟକୁ ଲୋକମାନେ କିଣାବିକା ପାଇଁ ଯାଉଥିବାବେଳେ ସ୍କୁଲ କଲେଜ ପିଲା ମଧ୍ୟ ସେହିବାଟ ଦେଇ ପାଠ ପଢ଼ିବାକୁ ଯାଇଥାନ୍ତି। ଗାଈ ଗୋରୁ ଛେଳି ମେଣ୍ଢା ସେହି ରାସ୍ତା ଦେଇ ଯାଇଥାନ୍ତି। ତେଣୁ କେତେବେଳେ ଯେ କ'ଣ ଅଘଟଣ ନଘଟିବ କହିହେବା ନାହିଁ। ବିଭାଗ ପକ୍ଷରୁ ପାଚେରି କିମ୍ବା ତାର ଜାଲି ବାଡ଼ କରାଯାଉନଥିବାରୁ ମଣିଷ ଓ ଗାଈଗୋରୁଙ୍କ ପାଇଁ ବିପଦ ଗୋଡ଼େଗୋଡ଼େ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ସ୍କୁଲ ନିକଟରେ ଏଭଳି ବିପଦ ରହିଥିବାରୁ ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେବାକୁ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ସାମ୍ବାଦିକ ଶୁଭଦର୍ଶନ ମିଶ୍ର, ରଜନୀକାନ୍ତ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

# ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ



ଚାରିଛକ,୨୭।୨(ସମିସ): ଚାରିଛକ ନିକଟସ୍ଥ ବାହାରଣା ନାହାକସାହିରେ ପ୍ରତିବର୍ଷ ଭଳି ଚଳିତବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟପ୍ରହର ନାମଯଜ୍ଞରେ କର୍ତ୍ତା ଭାବେ ଦୁର୍ଯ୍ୟୋଧନ ନାୟକ ଓ ପତ୍ନୀ ସରୋଜିନୀ ନାୟକ ପୂଜାକର୍ମ ସମ୍ପାଦନ କରିଥିଲେ। ଗ୍ରାମର ବଟ ବୃକ୍ଷ ପୋଖରୀରୁ କଳସଧାରୀ କଳସ ଆଣି କୁଞ୍ଜରେ ସ୍ଥାପନ କରିଥିଲେ। କଟକ କାଳିଆ ବୁଦା ମଠର ସାଗର ବାବା କୁଞ୍ଜ ପୂଜକ, ପୂର୍ଣ୍ଣଚନ୍ଦ୍ର ସେନାପତି ପୂଜା କର୍ମରେ ସହଯୋଗ କରିଥିବା ବେଳେ ବାସୁଦେବ ମନ୍ଦିର ପୂଜକ ଅମରେଶ୍ୱର ପଣ୍ଡା ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ବାର୍ଷିକ ଅଷ୍ଟପ୍ରହର ଉତ୍ସବରେ ଗ୍ରାମର ଆଲୋକ ନାୟକ, ବ୍ରଜକିଶୋର ନାୟକ, କେଶବ ନାୟକ, ପ୍ରମେଶ ରାଉତ, ଜମ୍ବେଶ୍ୱର ନାୟକ, ତୁଷାର ରଞ୍ଜନ ରାଉତ, ବିଚିତ୍ର ନନ୍ଦ ସେଠୀ, ତପନ ରାଉତ, ବେଣୁଧର ସେଠୀ, ଅକ୍ଷୟ ନାୟକ, ଅବନୀ ଜେନା, ନନ୍ଦ ରାଉତ, ବାସୁଦେବ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ହରି ନାମ ସଙ୍କୀର୍ତ୍ତନରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ନିମାପଡ଼ା,୨୭।୨(ସମିସ): ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଗୁରୁତ୍ୱପୂର୍ଣ୍ଣ ବିଭାଗୀୟ ସମୀକ୍ଷା ବୈଠକ ଆଜି ନିମାପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଶୀର୍ଷ ଅଧିକାରୀମାନେ ଯୋଗଦେଇ ଅଞ୍ଚଳର ସମଗ୍ର ଉନ୍ନୟନ ଓ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ତଥ୍ୟାଧାରିତ ସମୀକ୍ଷା କରିଥିଲେ। ପାନୀୟଜଳ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା, ରାସ୍ତା ଉନ୍ନୟନ, ଆଇନଶୃଙ୍ଖଳା, ବିଦ୍ୟୁତ୍ ଓ ବିଭିନ୍ନ ଲୋକକଲ୍ୟାଣ ଯୋଜନାର ଅବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଉପ-ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରୀ ସୁବିଧା ସଠିକ୍ ଭାବରେ ଲୋକଙ୍କ ପାଖକୁ ପହଞ୍ଚିବା ଆବଶ୍ୟକ। ଦଳବଳ ନିର୍ବିଶେଷରେ ସମସ୍ତଙ୍କ ଅଭିଯୋଗକୁ ସମାନ ଗୁରୁତ୍ୱ ଦେଇ ଶୀଘ୍ର ସମାଧାନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ଚାପରେ ନ ପଡ଼ି ସ୍ୱଚ୍ଛ ଓ ନିରପେକ୍ଷ ଭାବେ କାର୍ଯ୍ୟ କରିବା ସହ ଲୋକମାନଙ୍କ ସମସ୍ୟା ଶୁଣି ତୁରନ୍ତ ପଦକ୍ଷେପ ନେଲେ ଅଞ୍ଚଳର ସମଗ୍ର ଉନ୍ନୟନ ସମ୍ଭବ ବୋଲି ପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂହ, ସିଡିଏମ୍‌ଓ ଡା. ଅକ୍ଷୟ ଶତପଥି, ଉପଜିଲ୍ଲାପାଳ ଶରତ ମହାପାତ୍ର ଓ ଉପ ଜିଲ୍ଲାପାଳ ରାଜକିଶୋର ଜେନା, ପିଡି ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡ. ମନୋଜ କୁମାର ପ୍ରଧାନ, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ସହ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ଓ ଜନସମସ୍ୟା ସମାଧାନକୁ ପ୍ରାଥମିକତା ଦେବା ନେଇ ଏକାଧିକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।




# ଗଡ଼ିଶାଗୋଦା ଥାନା ପକ୍ଷରୁ ଆମ ପୁଲିସ କାର୍ଯ୍ୟକ୍ରମ

କଣାସ,୨୭।୨(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ପକ୍ଷରୁ ଆଜି ଗଡ଼ଖାରଦ ପଞ୍ଚାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଗଡ଼ିଶାଗୋଦା ଥାନା ଅଧିକାରୀ ସାନ୍ତନୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଏସ୍‌ଆଇ ସରୋଜ କୁମାର ବେହେରା, ଗଡ଼ଖାରଦ ସରପଞ୍ଚ ମହେଶ୍ୱର ସେଠୀ, ଦେଇପୁର ସରପଞ୍ଚ ପ୍ରତିନିଧି ଅଜୟ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ପୁଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରେ ଶାନ୍ତି ବଜାୟ ରହିବ ବୋଲି କହିଥିଲେ। ଯଦି କୌଣସି ବ୍ୟକ୍ତିର କିଛି ଅଭିଯୋଗ ଥାଏ, କାହାରି ମାଧ୍ୟମରେ ଥାନାକୁ ନ ଯାଇ ନିଜେ ଆସି ଥାନାରେ ଅଭିଯୋଗ କରିବାକୁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ।

# ନବୋଦୟ ବିଦ୍ୟାଳୟ ପରିଦର୍ଶନ କଲେ ଜାତୀୟ ମାନବାଧିକାର କମିଶନ



କୋଣାର୍କ,୨୭।୨(ସମିସ): ଶୁକ୍ରବାର ଅପରାହ୍ଣରେ ଜାତୀୟ ମାନବାଧିକାର କମିଶନ ବାଲକୃଷ୍ଣ ଗୋଏଲ୍ ସପତ୍ନୀକ କୋଣାର୍କ ଗସ୍ତରେ ଆସି ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଶ୍ରୀ ଗୋଏଲ୍ ଦୀର୍ଘ ଦୁଇ ଘଣ୍ଟା ଧରି ନବୋଦୟ ବିଦ୍ୟାଳୟର ପାକଶାଳା, ଶୌଚାଳୟ, ଶ୍ରେଣୀ କକ୍ଷ, ଛାତ୍ରାବାସର ପରିବେଶ ଅନୁଧ୍ୟାନ କରିବା ସହିତ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କମିଶନ ନିକଟରେ ନିଜର ସମସ୍ୟା ସମ୍ପର୍କରେ ନିର୍ଭୟରେ ଅଭିଯୋଗ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଆବାସିକ ବିଦ୍ୟାଳୟରେ ରହୁଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ନବୋଦୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସୁନୀତି ସ୍ୱାଇଁଙ୍କୁ କମିଶନ ପରାମର୍ଶ ଦେଇଥିଲେ। ପୁରୀରୁ କୋଣାର୍କ ଆସିବା ବାଟରେ କମିଶନ ଶ୍ରୀ ଗୋଏଲ୍ ବାଙ୍ଗୋରସ୍ଥିତ ପୁରୀ ଜିଲ୍ଲା କାରାଗାର ଓ ଶ୍ରଦ୍ଧାଳୟ ପରିଦର୍ଶନ କରିବା ଅବସରରେ ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାଷ୍ଟ୍ରୀୟ ମାନବାଧିକାର ଆୟୋଗଙ୍କ ଏହି ଗସ୍ତ ଅବସରରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭବମ୍ ପ୍ରଧାନ ଓ ଗୋପ ବ୍ଲକ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ନରସିଂହପୁର ଶାସନ ଗ୍ରାମରେ ନାମଯଜ୍ଞ



ନୟାହାଟ,୨୭।୨(ସମିସ୍ୟ ନାୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ନରସିଂହପୁର ଶାସନ ଗ୍ରାମର ବାସୁଦେବ ପୀଠରେ ପବିତ୍ର ଦୋଳ ଦଶମୀ ତିଥିରେ ମହାମନ୍ତ୍ର ଓଁ କୃଷ୍ଣ ମଧୁସୁଦନ ବାସୁଦେବ ଜନାର୍ଦ୍ଦନ ନାମରେ ଗ୍ରାମବାସୀଙ୍କ ସହଯୋଗରେ ଗୁରୁବାର ଅଷ୍ଟମ ପ୍ରହର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାଚୀ ନଦୀରୁ କଳସ ଯାତ୍ରା କରାଯାଇଥିଲା। ପରେ ଅଧିବାସ ପୂଜା କରାଯାଇଥିଲା। ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ମୁଖ୍ୟ ବାବାଜି ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି ଅଞ୍ଚଳରେ ପ୍ରଥମେ ସଦ୍‌ଗୁରୁ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଆଗମନ ହୋଇଥିଲା। ବିଶ୍ୱର ମଙ୍ଗଳ ପାଇଁ ମହାବିପତ୍ତି ନାଶନ ନାମ ଓଁ କୃଷ୍ଣ ମଧୁସୁଦନ ବାସୁଦେବ ଜନାର୍ଦ୍ଦନ ୧୯୮୦ରେ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ସ୍ଥାପନ କରିଥିଲେ ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଗୁରୁଦେବ ସ୍ଥାପନ କରିଯାଇଥିବା ଅଖଣ୍ଡ ନାମକୁ ଉକ୍ତ ଗ୍ରାମର ଗ୍ରାମବାସୀ ପ୍ରତିବର୍ଷ ପାଳନ କରିଆସୁଛନ୍ତି। ଯାହାକି ଚଳିତ ବର୍ଷ ୧୧ବର୍ଷରେ ପହଞ୍ଚିଛି ବୋଲି ନୀଳମଣି ସାହୁ କହିଛନ୍ତି। କର୍ତ୍ତା କୁଳମଣି ସାହୁ ସପତ୍ନୀକ କାର୍ଯ୍ୟ ତୁଲାଉଥିବାବେଳେ ସରପଞ୍ଚ ମୋନାଲିସା ସିଂହ, ବାଦଲ ନାୟକ, ଶ୍ରୀନିବାସ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅଷ୍ଟମ ପ୍ରହରରେ ବାର କଳସ, ବାର ଖୁମ୍ବରେ ପୁଷ୍ପ ସଜ୍ଜା ହୋଇଥାଏ। ଗ୍ରାମର ସମସ୍ତ ବର୍ଗର ବ୍ୟକ୍ତି ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ସାମିଲ୍ ହୋଇଥିଲେ। ପୂଜକ ବାବାଜି ଆତ୍ମାକୃଷ୍ଣ ଦାସ ଓ ଗୁରୁକୃଷ୍ଣ ଭାଇ ପୂଜା କରିଥିଲେ। ଶେଷ ଦିନରେ ଦଧିହାଣ୍ଡି ଭଙ୍ଗା ଯାଇଥିଲା।

# ମେଳଣ ପାଇଁ ସମନ୍ୱୟ ବୈଠକ



କଣାସ,୨୭।୨(ସମିସ): କଣାସ ବ୍ଲକ୍ ପାଣ୍ଡିଆକେରା ଗ୍ରାମପଞ୍ଚାୟତର ଗଡ଼ମାଟିଆପଡ଼ାର ମେଳଣ ନିମନ୍ତେ ବାଲୁଙ୍କେଶ୍ୱର ପୀଠରେ ଆଜି ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଣାସ ଥାନା ଅଧିକାରୀ ଶୁଭେନ୍ଦୁ ଭୂଷଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପୁରାତନ ସଂସ୍କୃତିର ସୁରକ୍ଷା ଦୃଷ୍ଟିରୁ ଏଠାରେ ହେଉଥିବା ମେଳଣ ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମ୍ୟ କମିଟିର ତପନ କୁମାର ଚମ୍ପତିରାୟ, ନୀଳଗ୍ରୀବ ଶ୍ରୀଚନ୍ଦନ, ହିମାଂଶୁ ବିଧାର, ପ୍ରଫୁଲ୍ଲ ପଣ୍ଡିତ କବାଟ, ରାଜକିଶୋର ମଙ୍ଗରାଜ, ଯଶୋବନ୍ତ ମଙ୍ଗରାଜ, ବିଜୟ ରାଉତରାୟ, ସାରଙ୍ଗଧର ଜଗଦ୍ଦେବ, ବଂଶୀଧର ବେହେରା, ସୁକାନ୍ତ କୁମାର ଛୋଟରାୟ, ରୂପଶ୍ରୀ ଛୋଟରାୟ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ କମିଟି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା



ନିମାପଡ଼ା,୨୭।୨(ସମିସ): ନିମାପଡ଼ା ଏନ୍‌ଏସି ୱାଟ୍‌କୋ ଉପ ବିଭାଗର ପ୍ରବନ୍ଧକ ପ୍ରଫୁଲ୍ଲ କୁମାର ବେହେରା ଆଜି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଜୟଶ୍ରୀ ଛକ ନିକଟସ୍ଥ ୱାଟ୍‌କୋ କାର୍ଯ୍ୟାଳୟ ପରିସରରେ ୱାଟ୍‌କୋର ଜେନେରାଲ ମ୍ୟାନେଜର ବିକ୍ରମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ସହ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କ ପ୍ରିୟ ଅଧିକାରୀଙ୍କୁ ଅବସରକାଳୀନ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶ୍ରୀ ବେହେରା ଜଣେ ମେଳାପୀ, ପରୋପକାରୀ ତଥା ଦକ୍ଷ କର୍ତ୍ତବ୍ୟନିଷ୍ଠ ଅଫିସର ଭାବେ ଅଞ୍ଚଳରେ ପରିଚିତ ଥିଲେ। ଦୀର୍ଘ ୪୦ ବର୍ଷ ସରକାରୀ ସେବାରେ ନିୟୋଜିତ ହୋଇ ଅନେକ ଥର ଉପରିସ୍ଥ ଅଫିସର, ନେତା, ମନ୍ତ୍ରୀଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇପାରି ଥିଲେ। ବିଦାୟକାଳୀନ ସଭାରେ ୱାଟ୍‌କୋର ସହପ୍ରବନ୍ଧକ ଧର୍ମେନ୍ଦ୍ର ପଟ୍ଟନାୟକ, ପ୍ରବନ୍ଧକ ସୁଧାକର ନାୟକ, ପୁରୀ ସହ ପ୍ରବନ୍ଧକ କମଳାକାନ୍ତ ବେହେରା, ପିପିଲି ସହ ପ୍ରବନ୍ଧକ ଲୋକନାଥ ବଳିୟାରସିଂ, ଶଶୀଭୂଷଣ ମହାନ୍ତି, ଦେବୀପ୍ରସାଦ ଦାସ, ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ସମାଜସେବୀ ଅକ୍ଷୟ ବେହେରା, ସନକ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବେହେରାଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶ୍ରୀ ବେହେରାଙ୍କ ସହିତ ଅତିବାହିତ କରିଥିବା ସ୍ମୃତିର ରୋମନ୍ଥନ କରି ତାଙ୍କର କାର୍ଯ୍ୟଦକ୍ଷତାର ଗୁଣଗାନ କରିଥିଲେ।

# ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ଓଡ଼ିଶୀ ନୃତ୍ୟ କର୍ମଶାଳା' ଆରମ୍ଭ

## ଯୋଗଦେଲେ ବିଶ୍ୱପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର



ସାକ୍ଷୀଗୋପାଳ,୨୭।୨(ସମିସ): ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ'ର ୪୯ତମ ପ୍ରତିଷ୍ଠା ଉତ୍ସବ ଅବସରରେ ଓଡ଼ିଶୀ ନୃତ୍ୟ କର୍ମଶାଳା ଆଜିଠାରୁ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ବିଶ୍ୱପ୍ରସିଦ୍ଧ ଓଡ଼ିଶୀ ଗୁରୁ ରତିକାନ୍ତ ମହାପାତ୍ର ଏବଂ ବିଶିଷ୍ଟ ନୃତ୍ୟାଙ୍ଗନା ରାଜଶ୍ରୀ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଏହି ୩-ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ସୃଜନ ଦ୍ୱାରା ଆୟୋଜିତ ଏହି କର୍ମଶାଳାକୁ ସୃଜନ ଅନୁଷ୍ଠାନର ନିର୍ଦ୍ଦେଶକ, ଓଡ଼ିଶୀ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସହିତ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଅନୁଷ୍ଠାନର ସଭାପତି ଦୁର୍ଗାପ୍ରସାଦ ମହାପାତ୍ର ଏବଂ ଉପସଭାପତି ବ୍ରଜକିଶୋର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳା ମୁଖ୍ୟତଃ ପ୍ରଶିକ୍ଷିତ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ପାଇଁ ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ବ୍ୟାକରଣ ସହିତ, ଓଡ଼ିଶୀ ନୃତ୍ୟର ଶୈଳୀଗତ ସୂକ୍ଷ୍ମତା ଓ ପାରମ୍ପରିକ ଗଠନର ଆଧୁନିକ ରୂପାନ୍ତର ଉପରେ ଗୁରୁତ୍ୱ ଦେଇଛନ୍ତି। ଶିକ୍ଷାର୍ଥୀମାନେ ଏହି ଅବସରରେ "ବନ୍ଦେ କୃଷ୍ଣମ୍' ଏବଂ 'ମେଘ ପଲ୍ଲବୀ' ଶିକ୍ଷା କରିବା ସହ ନୃତ୍ୟର ସୂକ୍ଷ୍ମ କଳା କୌଶଳ ସମ୍ପର୍କରେ ଜ୍ଞାନ ଆହରଣ କରିବେ। ସାକ୍ଷୀଗୋପାଳ ଭଳି ଏକ ଗ୍ରାମାଞ୍ଚଳରେ ବିଶ୍ୱସ୍ତରୀୟ ଗୁରୁଙ୍କ ଦ୍ୱାରା ପ୍ରଶିକ୍ଷଣ ଓଡ଼ିଶୀ ନୃତ୍ୟକଳାକୁ ଘରେ ଘରେ ପହଞ୍ଚାଇବା ହେଉଛି ଏହି ଅନୁଷ୍ଠାନର ମୁଖ୍ୟ ଆଭିମୁଖ୍ୟ। କର୍ମଶାଳାରେ ଗୁରୁ ଲିଙ୍ଗରାଜ ସ୍ୱାଇଁ ଏବଂ ଚିରଶ୍ରୋତା ଖୁଣ୍ଟିଆଙ୍କ ଅଭିଜ୍ଞ ଶିଷ୍ୟମାନେ ଯୋଗଦେଇ ନିଜର ଦକ୍ଷତା ବୃଦ୍ଧି କରୁଛନ୍ତି। ପ୍ରତିଦିନ ଦୁଇଟି ପର୍ଯ୍ୟାୟରେ ଏହି କର୍ମଶାଳା ଚାଲୁଥିବାବେଳେ ଆସନ୍ତା ମାର୍ଚ୍ଚ ୧ ତାରିଖରେ ଏହା ଉଦ୍‌ଯାପିତ ହେବ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସୃଜନ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ବଦ୍ରିନାରାୟଣ ଖୁଣ୍ଟିଆ ଏହି ଅବସରରେ, ଗୁରୁ ରତିକାନ୍ତ ମହାପାତ୍ର ଓ ତାଙ୍କ ସହଯୋଗୀଙ୍କୁ, କର୍ମଶାଳା ପାଇଁ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟକୁ ଚୟନ କରିଥିବାରୁ କୃତଜ୍ଞତା ଜଣାଇବା ସହ ସମସ୍ତ ଗୁରୁ ଓ ଶିକ୍ଷାର୍ଥୀଙ୍କ ନିଷ୍ଠାପର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସତ୍ୟବାଦୀ ଅଞ୍ଚଳରେ ଓଡ଼ିଶୀ ସଂସ୍କୃତିର ପ୍ରସାର ଦିଗରେ ଏହି କର୍ମଶାଳା ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ଆଶା ସଞ୍ଚାର ହୋଇଛି।

# ସତ୍ୟବାଦୀରେ ଯୁବ କଂଗ୍ରେସର ବିକ୍ଷୋଭ




ସାକ୍ଷୀଗୋପାଳ,୨୭।୨(ସମିସ): ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବଙ୍କ ଗିରଫଦାରୀର ପ୍ରତିବାଦ କରି ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ସାକ୍ଷୀଗୋପାଳ କଲେଜ ଛକଠାରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଦମନଲୀଳା ବିରୋଧରେ ସ୍ଥାନୀୟ ଯୁବ କଂଗ୍ରେସ କର୍ମୀମାନେ ସ୍ଲୋଗାନ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଉଦୟଭାନୁ ଚିବଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଛି ବୋଲି ଅଭିଯୋଗ କରି ଯୁବ କଂଗ୍ରେସ କର୍ମୀମାନେ କଲେଜ ଛକରେ ଏକତ୍ରିତ ହୋଇଥିଲେ। କେନ୍ଦ୍ର ସରକାରଙ୍କ "ଜେଲ୍ ହାଜତ' ରାଜନୀତି ବିରୋଧରେ କର୍ମୀମାନେ ପ୍ରବଳ ନାରାବାଜି କରିବା ସହ ଗଣତନ୍ତ୍ରର ହତ୍ୟା ହେଉଛି ବୋଲି ପ୍ରକାଶ କରିଥିଲେ। ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ନିଜର ଆକ୍ରୋଶ ବ୍ୟକ୍ତ କରିଥିଲେ। ବିରୋଧୀଙ୍କ ସ୍ୱରକୁ ଚାପି ଦେବା ପାଇଁ କେନ୍ଦ୍ର ସରକାର ପୁଲିସ ବଳର ଅପବ୍ୟବହାର କରୁଛନ୍ତି। ଉଦୟଭାନୁ ଚିବଙ୍କ ଗିରଫଦାରୀ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଯେପର୍ଯ୍ୟନ୍ତ ଏହି ଅନ୍ୟାୟ ବନ୍ଦ ନ ହୋଇଛି, ଆମର ଆନ୍ଦୋଳନ ଜାରି ରହିବ ବୋଲି ସତ୍ୟବାଦୀ ବ୍ଲକ ଯୁବ କଂଗ୍ରେସ ସଭାପତି ଲିପ୍ତି ରଞ୍ଜନ ପ୍ରଧାନ ଓ ସମ୍ପାଦକ ଲୋକନାଥ ନାୟକ ପ୍ରକାଶ କରିଥିଲେ। ସତ୍ୟବାଦୀ ବ୍ଲକ୍ କଂଗ୍ରେସ କମିଟି ସଭାପତି ସୁବାସ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

## ପୁଆଁଣିଆରେ କଙ୍ଗାରୁକୋର୍ଟ

# ଗୃହରକ୍ଷୀଙ୍କୁ ବାନ୍ଧି ଗାଁ ସଭାରେ ମାଡ଼

ନୟାଗଡ଼, ୨୭ ।୨(ସମିସ)



ନୟାଗଡ଼ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ସାରିଲାଣି। ଜିଲ୍ଲାର ଶରଣକୁଳ ଥାନା ଅନ୍ତର୍ଗତ ପୁଆଁଣିଆ ଗାଁରେ କଙ୍ଗାରୁକୋର୍ଟ କରି ନିଷ୍ପତ୍ତି ଅନୁସାରେ, ଜଣେ ଗୃହରକ୍ଷୀଙ୍କୁ ଗାଁ ଦାଣ୍ଡରେ ବାନ୍ଧି ମାଡ଼ ମରାଯିବା ଭଳି ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ଗୃହରକ୍ଷୀଙ୍କ ପରିବାର ଭୟରେ ଗାଁ ଛାଡ଼ିଛନ୍ତି।

ସୂଚନା ଅନୁଯାୟୀ, ପୁଆଁଣିଆ ଗାଁରେ ମନ୍ଦିର ପ୍ରତିଷ୍ଠା ପାଇଁ ଉତ୍ସବ ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ସାମାଜିକ ନାଟକ ପରିବେଷଣ ପାଇଁ ଗାଁର ଯୁବକମାନେ ରିହରସେଲ (ଅଭ୍ୟାସ) କରୁଥିଲେ। ଗତ ୨୩ ତାରିଖ ରାତିରେ ଗ୍ରାମର ବୃନ୍ଦାବନ ସାହୁଙ୍କ ସାନପୁଅ ତଥା ଜିଲ୍ଲା ପୁଲିସରେ କାର୍ଯ୍ୟରତ ଗୃହରକ୍ଷୀ ସୁଶାନ୍ତ କୁମାର ସାହୁ ରିହରସେଲ ଦେଖିବା ପାଇଁ ତ୍ରିନାଥମନ୍ଦିର ନିକଟକୁ ଯାଇଥିଲେ। ତେବେ ରିହରସେଲ ତାଙ୍କ ମନକୁ ନ ଆସିବାରୁ ସେ କିଛି ଉପଦେଶ ଦେଇଥିଲେ। ଯାହାକୁ ନେଇ ଅଭ୍ୟାସ କରୁଥିବା ଯୁବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ସୁଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଏକ ରଶିରେ ସୁଶାନ୍ତଙ୍କ ବେକ ଓ ଗୋଡ଼ ବାନ୍ଧି ନିସ୍ଟୁକ ମାଡ଼ ମାରିଥିଲେ। ଗ୍ରାମର ହୁରି ମହାପାତ୍ର, ଉଲା ମହାପାତ୍ର, କାହ୍ନୁ ମହାପାତ୍ର ଏବଂ ଦିପୁ ମହାପାତ୍ର ସୁଶାନ୍ତଙ୍କୁ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ତେବେ ଖବରପାଇ ସୁଶାନ୍ତଙ୍କ ମାଆ ଅହଲ୍ୟା ସାହୁ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଗାଁର ଅନ୍ୟ କିଛି ବ୍ୟକ୍ତିଙ୍କ ହସ୍ତକ୍ଷେପ ପରେ ସୁଶାନ୍ତ ଓ ତାଙ୍କ ମାଆ ଅଭିଯୁକ୍ତଙ୍କ କବଳରୁ ମୁକୁଳିଥିଲେ। ଏହାକୁ ନେଇ ୨୪ ତାରିଖ ସକାଳେ ଗାଁ ମନ୍ଦିର ନିକଟରେ ଅନୁଷ୍ଠିତ ହେବାକୁ ଥିବା ନାଚ ମଞ୍ଚରେ କଙ୍ଗାରୁକୋର୍ଟ କରାଯାଇଥିଲା। ଗାଁ ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଜୋରଜବରଦସ୍ତ ସୁଶାନ୍ତଙ୍କ ବଡ଼ଭାଇ ଭାସ୍କର ସାହୁଙ୍କଠାରୁ ଏକ ସାଦା କାଗଜରେ ଦସ୍ତଖତ କରାଇ ନେଇଥିଲେ। ଘଟଣାର ଆପୋସ ସମାଧାନ କରିବା ପରିବର୍ତ୍ତେ ଉକ୍ତ କଙ୍ଗାରୁକୋର୍ଟରେ ସୁଶାନ୍ତଙ୍କୁ ମଞ୍ଚରେ ବାନ୍ଧି ପୁଣି ମାଡ଼ ମାରିଥିଲେ। ସୁଶାନ୍ତଙ୍କ ମା' ଓ ଭଉଣୀ ଗାଁରେ ମୁଣ୍ଡିଆ ମାରି ତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ସୁଶାନ୍ତ ଶରଣକୁଳ ଥାନାକୁ ଅଭିଯୋଗ କରିବାକୁ ଯିବା ବେଳକୁ ତାଙ୍କ ଭାଇଙ୍କ ଦସ୍ତଖତ ଥିବା ସାଦା କାଗଜରେ ଏତଲା ଲେଖି ଗ୍ରାମବାସୀ ଥାନାକୁ ଜଣାଇଥିଲେ। ସୁଶାନ୍ତ ସମସ୍ତ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ

▶▶ ଶରଣକୁଳ ଥାନାରେ ମାମଲା ରୁଜୁ, ୨ ଗିରଫ

▶▶ ଭୟରେ ଗାଁ ଛାଡ଼ିଲେ ଗୃହରକ୍ଷୀ ଓ ପରିବାର

▶▶ ଜିଲ୍ଲାରେ ବିପର୍ଯ୍ୟସ୍ତ ହେଲାଣି ଆଇନଶୃଙ୍ଖଳା

ଘଟଣାର ଗମ୍ଭୀରତାକୁ ଅନୁଭବ କରି ୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ କାହ୍ନୁ ମହାପାତ୍ର ଓ ଦିପୁ ମହାପାତ୍ରଙ୍କୁ ଅଟକ ରଖି ପଚରା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଜିତ କୁମାର ଦାଶ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ, ଗ୍ରାମବାସୀଙ୍କ ଦ୍ୱାରା ନିର୍ଯାତିତ ହୋଇ ଲୋକଲଜ୍ଜାକୁ ସହି ନ ପାରି ସୁଶାନ୍ତ ଓ ତାଙ୍କ ପରିବାର ଗୁରୁବାରଠାରୁ ଗାଁ ଛାଡ଼ି ନୟାଗଡ଼ରେ ଅବସ୍ଥାନ କରୁଛନ୍ତି।

## ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଢେଙ୍କାନାଳ ପତାକା କ୍ଲବ୍



**ଖଣ୍ଡପଡ଼ା, ୨୭ ।୨(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ମଧୁବନ କ୍ରୀଡ଼ାଙ୍ଗନରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ପତାକା କ୍ଲବ ୨-୦ ଗୋଲରେ ଜଟଣୀ ଫ୍ରେଣ୍ଡସ ପାରାଡାଇଜ କ୍ଲବକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ରେଫରି ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲା ବେଳେ ପ୍ରସନ୍ନ ନାୟକ ଏବଂ ବିଦେଶୀ ନାୟକ ଲାଇନରେ ସହାୟତା କରିଥିଲେ। ସମୀର ଖୁଣ୍ଟିଆ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳା, ସମାଜସେବୀ ରବି ସାମଲ, ଏଡିଏମ ରୋଜିନା ଦାଶ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଅତିରିକ୍ତ ଦିବସରେ କଟକ ଓ ଭୁବନେଶ୍ୱର ମହିଳା ଫୁଟବଲ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ସ୍ପୋର୍ଟ୍ସ ଆସୋସିଏସନ ମୁଖ୍ୟ ଭିକାରୀ ଖଣ୍ଡାୟତ ସୂଚନା ଦେଇଛନ୍ତି।

## ୭୨ ଲିଟର ମଦ ଜବତ; ଜଣେ ଗିରଫ

**ଭାପୁର, ୨୭ ।୨(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ତରଫରୁ ଶୁକ୍ରବାର ଫତେଗଡ଼ ଗ୍ରାମରେ ଚଢ଼ଉ କରି ଜଣେ ଯୁବକକୁ ଗିରଫ କରିବା ସହ ତାଙ୍କଠାରୁ ୭୨ ଲିଟର ୬୬୦ ମିଲିଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଫତେଗଡ଼ ଗ୍ରାମର କେଶବ ଚନ୍ଦ୍ର ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁ। ଫତେଗଡ଼ ଥାନା ଏସଆଇ ଶ୍ରୀନିବାସ ପ୍ରଧାନ ଓ ମୋଚିରାମ ହେମ୍ବ୍ରମ ସଦଳବଳ ଏହି ଚଢ଼ଉ କରିଥିଲେ। ଶୁକ୍ରବାର ପ୍ରଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କମେଇ ନଦୀପଠା ଡବଲ ମର୍ଡର ମାମଲା

# ସ୍ୱାମୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

**ଭାପୁର, ୨୭ ।୨(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଣ୍ଟିଲୋ ନିକଟ କମେଇ ନଦୀପଠାରେ ୨୦୧୭ରେ ସ୍ତ୍ରୀ ଓ ୪ ମାସର କନ୍ୟାକୁ ହତ୍ୟା ମାମଲାରେ ସ୍ୱାମୀକୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ୨୦୧୭ ଜାନୁଆରୀ ୨୮ ତାରିଖ ସନ୍ଧ୍ୟାରେ କଣ୍ଟିଲୋ ନିକଟ କମେଇ ନଦୀ ପଠାରେ ଜଣେ ମହିଳା ଓ ତାଙ୍କ ୪ ମାସର ଶିଶୁକନ୍ୟାକୁ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଥିଲା। ପୁଲିସ ଏହି ମାମଲାର ତଦନ୍ତ କରି ଧାନଚାଙ୍ଗଡ଼ା ଗ୍ରାମର ପ୍ରଫୁଲ୍ଲ କୁମାର ଗୁରୁଙ୍କ ଏକମାତ୍ର ପୁଅ ସରୋଜ କୁମାର ଗୁରୁଙ୍କୁ ଗିରଫ କରିଥିଲା। ମାମଲାର ବିବରଣୀ ଅନୁଯାୟୀ, ସରୋଜ ଭୁବନେଶ୍ୱରରେ ରହି କାମଧନ୍ଦା କରୁଥିଲେ। ସେଠାରେ ସେ କବିତା ଜେଠୀଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ୪ ମାସର ଶିଶୁକନ୍ୟା ଥିଲା। ସ୍ତ୍ରୀ ଓ ଶିଶୁକନ୍ୟାକୁ କଣ୍ଟିଲୋ ବୁଲାଇବା ପାଇଁ ସେମାନଙ୍କୁ ଭୁବନେଶ୍ୱରରୁ ଆଣି କଣ୍ଟିଲୋ ବୁଲାଇବା ସହ ମାର୍କେଟିଂ କରି ସନ୍ଧ୍ୟାରେ ଚାଲିଚାଲି ଧାନଚାଙ୍ଗଡ଼ା ଯାଉଥିଲେ। ବାଟରେ କମେଇ ନଦୀ ପଠାରେ ସ୍ତ୍ରୀ ଓ ଶିଶୁକନ୍ୟାକୁ ଅତି ନିର୍ମମ ଭାବେ ହତ୍ୟା କରି ଉଭୟଙ୍କ ମୁଣ୍ଡକୁ ପଥରରେ ଛେଚି ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରି ଫେରାର ହୋଇଯାଇଥିଲେ। ପୁଲିସ ତଦନ୍ତ କରି କଣ୍ଟିଲୋ ବଜାରରୁ ମାର୍କେଟିଂ କରିଥିବା ଦୋକାନ ବ୍ୟାଗକୁ ଚିହ୍ନଟ କରିବା ସହ ସିସିଟିଭି ଯାଞ୍ଚ କରି ସରୋଜଙ୍କୁ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡର ବିଚାର କରି ନୟାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ ରୀଜା ରାୟ ସ୍ତ୍ରୀ ଓ ଝିଅକୁ ହତ୍ୟା ଅଭିଯୋଗରେ ଶୁକ୍ରବାର ସରୋଜଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ହତ୍ୟାକାଣ୍ଡ ପରେ ପ୍ରମାଣ ନଷ୍ଟ ଉଦ୍ୟମ କରିଥିବାରୁ ଏଥିପାଇଁ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ୨ ହଜାର ଜରିମାନା ଅନାଦେୟ ଅତିରିକ୍ତ ୪ ମାସ ଜେଲ ଦଣ୍ଡ ଭୋଗିବେ। ସରକାରୀ ଓକିଲ କାଳୁଚରଣ ସ୍ୱାଇଁ ଏହି ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲା ପରିଚାଳନା କରୁଥିଲେ।

# ବ୍ଲକ୍ ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା




**ଖଣ୍ଡପଡ଼ା, ୨୭ ।୨(ସମିସ):** ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ସ୍ୱର୍ଗତ ପଟେଲ ଓ ଅନ୍ୟମାନଙ୍କ ଦ୍ୱାରା ଦେଶକୁ ଏକଜୁଟ କରିବା ପାଇଁ ହୋଇଥିବା ସଂଗ୍ରାମକୁ ମନେ ପକାଇବାକୁ ଏହି ଦିବସ ପାଳନ କରାଯାଉଛି। ଏହା ଏକତାକୁ ସୁଦୃଢ଼ କରିବା ସହ 'ବିବିଧତା ମଧ୍ୟରେ ଏକତା'ର ଭାବନାକୁ ପ୍ରୋତ୍ସାହିତ କରେ ଏବଂ ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଗୁରୁତ୍ୱାରୋପ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକମାନଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏ ଅବସରରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଅଙ୍କୁର ଅଭିଳାଷଙ୍କ ନେତୃତ୍ୱରେ ଶୁକ୍ରବାର ଖଣ୍ଡପଡ଼ା ବ୍ଲକ ପରିସରରୁ ରଥଗଡ଼ା ଛକ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିବା ବେଳେ ରାଷ୍ଟ୍ରୀୟ ଏକତା ବାର୍ତ୍ତା ସ୍ଲୋଗାନ ଦିଆଯାଇଥିଲା। ଏହି ପଦଯାତ୍ରାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳା, ସମାଜସେବୀ ରବି ସାମଲ, ଏସଡିପିଓ ମଦନ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ଓ ସମସ୍ତ ବ୍ଲକ କର୍ମଚାରୀ ପଦଯାତ୍ରାରେ ସାମିଲ ହୋଇଥିଲେ।

# ୧୯ ଜଣଙ୍କ ଯଜ୍ଞପବିତ ଗ୍ରହଣ

**କଣ୍ଟିଲୋ, ୨୭ ।୨(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମନ୍ଦିର ନିକଟରେ ପ୍ରତିଷ୍ଠିତ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୬ତମ ସମୂହ ବ୍ରତୋପନୟନ ଅବସରରେ ୧୯ ଜଣ ବ୍ରହ୍ମଚାରୀ ଆଜି ଯଜ୍ଞପବିତ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋହିତ ଭାବରେ ପଣ୍ଡିତ ରଜନୀକାନ୍ତ ମିଶ୍ର ଓ ବସନ୍ତ କୁମାର ମିଶ୍ର ଦାୟିତ୍ୱ ସମ୍ପାଦନ କରିଥିଲା ବେଳେ ସହଯୋଗୀ ଭାବେ ରଜତ କୁମାର ମିଶ୍ର, ଶ୍ୟାମାପ୍ରସାଦ ମିଶ୍ର ଓ ବିଶ୍ୱମ୍ଭର ମିଶ୍ର ଯୋଗଦେଇଥିଲେ। କଣ୍ଟିଲୋ ହାଟମୁଣ୍ଡ ପାଟଣା ଗୋପାଳ ଚନ୍ଦ୍ର ଅଗ୍ରୱାଲଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରହ୍ମଚାରୀମାନେ ଅଂଶଗ୍ରହଣ କରି ସମାଜ ସଂସ୍କାର କରିବା ପାଇଁ ସଂକଳ୍ପ କରିଥିଲେ। ନୂତନ ବ୍ରହ୍ମଚାରୀମାନେ ରୁଷିଆଣୀରେ କଣ୍ଟିଲୋ ଗ୍ରାମ ପରିକ୍ରମା କରି ଶ୍ରୀନୀଳମାଧବ ମନ୍ଦିର ସିଂହଦ୍ୱାରଠାରେ ସଂକଳ୍ପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ଚିନରା, ମାଧବ ଚନ୍ଦ୍ର ମହାରଣା, ହେମନ୍ତ କୁମାର ସେଠୀ, ପିନାକୀ ଅଗ୍ରୱାଲ, ସନ୍ତୋଷ କୁମାର ଅଗ୍ରୱାଲ, କୃଷ୍ଣଚନ୍ଦ୍ର ସାହୁ, ରମାକାନ୍ତ ସାହୁ, ଜୟକୃଷ୍ଣ ବେହେରା, ନବକିଶୋର ବେହେରା ଓ ସାଥୀମାନେ ପରିଚାଳନା କରିଥିଲେ।

# 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ' କାର୍ଯ୍ୟକ୍ରମ



**ନୟାଗଡ଼, ୨୭ ।୨(ସମିସ):** ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ' ଦ୍ୱିତୀୟ ସୋପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭଗବାନ ସାହୁ, ପ୍ରାଧାନାଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟବକ୍ତା ଭଗବାନ ସାହୁ ଶିଶୁର ଶାରୀରିକ ଓ ମାନସିକ ଆବଶ୍ୟକତା, ପରିବାର, ଆହାର ଓ ବିହାର ବ୍ୟବସ୍ଥା ବିଷୟରେ ନିଜ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଶିଶୁଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଅଧ୍ୟାପକ ଡ. କୃପାସିନ୍ଧୁ କରଣ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁବାଟିକା ପ୍ରମୁଖ ଭାଗ୍ୟଲତା ସାହୁ ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

# ଅଟୋ ଓଲଟି ୮ ପରୀକ୍ଷାର୍ଥୀ ଗୁରୁତର

**ଦଶପଲ୍ଲା, ୨୭ ।୨(ସମିସ):** ଦଶପଲ୍ଲାଠାରୁ ୨୪ କିମି ଦୂର ପଙ୍କୁଆ କଲସାଖମଣ ରାସ୍ତା ଚିନାପହଁରା ଛକ ନିକଟରେ ଅଟୋ ରିକ୍ସା ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଅଟୋରେ ନୂଆଗାଁ ପଞ୍ଚାୟତ କୁଟିବାରି ଉନ୍ନୀତ ହାଇସ୍କୁଲର ୧୦ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇ ଫେରୁଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣ ଅଧିକ ଆହତ ହୋଇଥିବା ବେଳେ ୨ ଜଣଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଛି। ସମସ୍ତ ପରୀକ୍ଷାର୍ଥୀ ଶୁକ୍ରବାର ଦଶପଲ୍ଲା ହାଇସ୍କୁଲରେ ସାମାଜିକ ବିଜ୍ଞାନ ପରୀକ୍ଷା ଦେଇ ଅଟୋ ଯୋଗେ ନିଜ ନିଜ ଘରକୁ ଫେରୁଥିଲେ। ଉପାନ୍ତ ନୂଆଗାଁ ପଞ୍ଚାୟତ ଦଶପଲ୍ଲା ସଦର ମହକୁମାଠାରୁ ପ୍ରାୟ ୫୦ କିମିରୁ ଅଧିକ ଦୂର ହୋଇଥିବା ବେଳେ ନିକଟରେ କୌଣସି ମାଟ୍ରିକ ପରୀକ୍ଷା କେନ୍ଦ୍ର ସ୍ଥାପନ ହୋଇନାହିଁ।

# ସିଦ୍ଧେଶ୍ୱରୀଙ୍କ ପୀଠରେ ଶକ୍ତିଯଜ୍ଞ

**ଓଡ଼ଗାଁ, ୨୭ ।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ପଞ୍ଚାୟତ ପନ୍ତିଖାରୀ ଶାସନ ଗ୍ରାମରେ ଅବସ୍ଥିତ ସିଦ୍ଧେଶ୍ୱରୀଙ୍କ ପୀଠରେ ଶୁକ୍ରବାର ଏକଦିବସୀୟ ବିଶ୍ୱଶାନ୍ତି ଶକ୍ତିଯଜ୍ଞ ଅନୁଷ୍ଠିତ ହୋଇଛି। ପଣ୍ଡିତ ଲଡୁକିଶୋର ରଥଙ୍କ ଦ୍ୱାରା ପରିଚାଳିତ ଯଜ୍ଞ ବେଦୀରେ ମଣ୍ଡଳୀ କରଣ, କଳସ ସ୍ଥାପନ କରାଯାଇ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ମା'ଙ୍କ ଦିବ୍ୟ ପ୍ରତିମାକୁ ଚୂଆ, ଚନ୍ଦନ, ହଳଦୀରେ ସ୍ନାନ କରି ନୂତନ ପୋଷାକ ପରିଧାନ କରାଯାଇ ଷୋଡ଼ଶ ଉପଚାରରେ ପୂଜା ନୈବେଦ୍ୟ ଅର୍ପଣ କରାଯାଇଥିଲା। ଅପରାହ୍ନରେ ହୋମଯଜ୍ଞ ମାଧ୍ୟମରେ ସିଦ୍ଧେଶ୍ୱରୀଙ୍କ ସହିତ ଅନ୍ୟ ସମସ୍ତ ଦେବଦେବୀଙ୍କ ନାମରେ ଘୃତ ଆହୁତି ପ୍ରଦାନ କରାଯାଇଥିଲା। ତାରା ପ୍ରସାଦ ଦାଶ ବୈଦିକ ବିଧି କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ସାର୍ଥକ ଷଡ଼ଙ୍ଗୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ସନ୍ଧ୍ୟାରେ ପ୍ରସାଦ ସେବନ ଏବଂ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପାହାଡ଼ ଚଢ଼ି ଦୁର୍ଗମ ଗାଁରେ ଦଶପଲ୍ଲା ବିଡିଓ



**ନୟାଗଡ଼, ୨୭ ।୨(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତର ବଣ ଜଙ୍ଗଲ ଘେରା ଦୁର୍ଗମ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ଶୁଣିଛନ୍ତି ବିଡିଓ ଶରତ କୁମାର ମଲ୍ଲିକ। ପ୍ରାୟ ୩ କିଲୋମିଟର ପାହାଡ଼ ଚଢ଼ିବା ପରେ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଗମ୍ଭାରୀଗଣ୍ଡା ଗ୍ରାମରେ ବିଡିଓ ପହଞ୍ଚିଥିଲେ। ଉକ୍ତ ଗ୍ରାମରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଲୋକେ ବାସ କରୁଥିବା ବେଳେ ଅନେକ ସମସ୍ୟା ମଧ୍ୟରେ ଜୀବନ ବିତାଉଛନ୍ତି। ବାରମ୍ବାର ଅଭିଯୋଗ ପରେ କେହି ଶୁଣି ନ ଥିବା ବେଳେ ବାସ୍ତବ ସମସ୍ୟାକୁ ନିଜେ ପରଖିଛନ୍ତି ବିଡିଓ ମଲ୍ଲିକ। ବିଡିଓଙ୍କ ସହ ଆସିଷ୍ଟାଣ୍ଟ ଇଞ୍ଜିନିୟର ସନାତନ ଭୋଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଧବ ପ୍ରଧାନ ଏବଂ କୁଲୁରୁକୁମ୍ପା ସରପଞ୍ଚ ଅଶୋକ ନାୟକ ଗମ୍ଭାରୀଗଣ୍ଡା ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ପାଣି, ବିଦ୍ୟୁତ୍, ବାସଗୃହ ଭଳି ଅନେକ ସମସ୍ୟାରେ ଲୋକମାନେ ସଂଘର୍ଷ କରୁଛନ୍ତି। ଗ୍ରାମବାସୀଙ୍କ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

## ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

# ୫ରେ ୧୨ ଘଣ୍ଟିଆ ହରତାଳ ଓ ଧର୍ମଘଟ

ନୟାଗଡ଼/ଶରଣକୁଳ, ୨୭ ।୨(ସମିସ)



ଜିଲ୍ଲା ପ୍ରଶାସନର ସ୍ଥାଣୁତା ଯୋଗୁଁ ନୟାଗଡ଼ ଜିଲ୍ଲାର ସର୍ବପୁରାତନ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ଦୁଇ ସପ୍ତାହ ଧରି ରୋଗୀମାନେ ହଇରାଣ ହରକତ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପଦବୀକୁ ନେଇ ବିବାଦ ସୃଷ୍ଟି ହୋଇଛି। ଗୋଟିଏ ପଟେ ଡା. ତାପସ ରଞ୍ଜନ ସେନାପତି ୩ ବର୍ଷ ଧରି ଡାକ୍ତର ଭାବରେ ଏବଂ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଡାକ୍ତରଖାନା ଅଧିକାରୀ ଭାବେ ଅବସ୍ଥାପିତ ହୋଇ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଆସୁଥିବା ବେଳେ ହଠାତ୍ ୧୦ ଦିନ ତଳେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶରଣକୁଳ ନିକଟ ମଗରବନ୍ଧ ଡାକ୍ତରଖାନାର ଡାକ୍ତର ଇପ୍ସିତା ଦାସଙ୍କୁ ଡେପୁଟେସନରେ ଆଣି ଡାକ୍ତର ତାପସ ରଞ୍ଜନ ସେନାପତିଙ୍କ ସ୍ଥାନରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ପରେ ଡା. ସେନାପତି ଲମ୍ବା ଛୁଟିରେ ଅଛନ୍ତି। ଗୋଟିଏ ପଦବୀରେ ଦୁଇଜଣ ଅଧିକାରୀ ଥିବାରୁ ଏହି ଡାକ୍ତରଖାନାରେ ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁନାହିଁ। ଡାକ୍ତର ସେନାପତି ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେଇ ଆସୁଥିବାରୁ ରୋଗୀମାନେ ତାଙ୍କୁ ନ ପାଇ ବହୁତ ଖର୍ଚ୍ଚାନ୍ତ ହୋଇ ନୟାଗଡ଼ ଧାଉଁଛନ୍ତି। ଶରଣକୁଳ ଅଞ୍ଚଳର ପ୍ରାୟ ୨୦ ଜଣ ବୁଦ୍ଧିଜୀବୀ ନୟାଗଡ଼ ଯାଇ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ଡାକ୍ତରଖାନାର ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସହ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ଶରଣକୁଳ ବିକାଶ ମଞ୍ଚ ତରଫରୁ ଧର୍ମଘଟ ଓ ହରତାଳ ଡାକରା ଦିଆଯାଇଛି। ଆସନ୍ତା ୧୨ ତାରିଖ ଶରଣକୁଳ ବଜାର ବନ୍ଦ କରିବା ସହ ହରତାଳ କରିବାକୁ ଲିଖିତ ଭାବେ ଅବଗତ କରାଯାଇଛି। ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୂରଣ, ପାଳି ବ୍ୟବସ୍ଥା ବନ୍ଦ, ଡାକ୍ତରଙ୍କୁ ମାଡ଼ ମାରିବା ଘଟଣାରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ସମସ୍ତଙ୍କୁ ଅବଗତ କରିବା ପାଇଁ ଦାବି ହୋଇଛି। ସେହିପରି ଭାରପ୍ରାପ୍ତ ଅଧିକାରୀଙ୍କ ସମ୍ପର୍କରେ ହୋଇଥିବା ନିର୍ଦ୍ଦେଶନାମା ପ୍ରତ୍ୟାହାର, ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବ ଥିବା ସମସ୍ତ ପରୀକ୍ଷା ଯନ୍ତ୍ର ଯୋଗାଣ କରିବାକୁ ଦାବି ହୋଇଛି। ଶରଣକୁଳ ବିକାଶ ମଞ୍ଚ ସଦସ୍ୟ ପବିତ୍ର ଇନ୍ଦ୍ରଜିତ୍, ମାନସ ସାହୁ, ପ୍ରତୀକ ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଏହି ଆନ୍ଦୋଳନ ଡାକରା ଦେଇଛନ୍ତି।

## ଶ୍ରୀରଙ୍ଗନାଥଦେବଙ୍କ ଚାଚେରୀ ବେଶ

ବାଣପୁର,୨୭।୨(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀ ରଙ୍ଗନାଥ ଦେବ ଫଗୁ ଦଶମୀରୁ ବସନ୍ତ ଉତ୍ସବ ତଥା ଦୋଳ ଉତ୍ସବ ଆରମ୍ଭ ହେଉଥିବା ବେଳେ ଠାକୁର ଦୋଳ ବିମାନରେ ବିଜେ କରି ଚାଚେରୀ ଭୋଗ ଖାଇବା ଲାଗି ବାହାରିଛନ୍ତି। ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ। ଗୁରୁବାର ଫଗୁ ଦଶମୀ



ତିଥିରେ ଦୋଳରେ ଠାକୁର ଭିତର ଫଗୁ ଲାଗି ହୋଇ ମନ୍ଦିର ମଧ୍ୟରେ ଭୋଗ ଲାଗି ହୋଇଥିବା ବେଳେ ଶୁକ୍ରବାର ପାପନାଶିନୀ ଏକାଦଶୀ ତିଥିଠାରୁ ମହାପ୍ରଭୁ ମନ୍ଦିରରୁ ବାହାରି ନିର୍ଦ୍ଦିଷ୍ଟ ସ୍ଥାନରେ ଚାଚେରୀ ଭୋଗ ଖାଇବାକୁ ମନ୍ଦିରରୁ ବାହାରିଛନ୍ତି। ପୂଜକ ଚନ୍ଦ୍ରଶେଖର ହୋତା ଶ୍ରୀଜୀଉମାନଙ୍କୁ ଚାଚେରୀ ବେଶରେ ସୁସଜ୍ଜିତ କରୁଥିବା ବେଳେ ପ୍ରଭୁ ଶ୍ରୀ ରଙ୍ଗନାଥ ଦେବ ଚାଚେରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀ ରଙ୍ଗନାଥ ଦେବ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ଚାଚେରୀ ବେଶରେ ଦର୍ଶନ ଦେବା ସହ ବାଣପୁରର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଚାଚେରୀ ଭୋଗ ଖାଇବେ। ଏହ ଉତ୍ସବକୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଦେବଦତ୍ତ ପାଣି, ପଦ୍ମନାଭ ମହାପାତ୍ର, ଦାସରଥି ସାହୁ. ଓ ସୋମନାଥ ହୋତା ପ୍ରମୁଖ ଶାନ୍ତି କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଛନ୍ତି।

## ରଘୁନାଥ ଦେବ ମନ୍ଦିରର ବାର୍ଷିକ ଉତ୍ସବ

ବାଲୁଗାଁ,୨୭ ।୨(ସମିସ) : ଚିଲିକା ବ୍ଲକ୍ କୟଥପଲ୍ଲା ଗ୍ରାମସ୍ଥିତ ଶ୍ରୀରଘୁନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪ଦିନ ଧରି ଗ୍ରାମରେ ଚାଲିଥିବା ଏହି ଉତ୍ସବର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ସହ ଅଙ୍କୁରାରୋପଣ ଦ୍ୱିତୀୟ ଦିବସରୁ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ଅନ୍ତିମ ଦିବସରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ଦେବଦେବୀଙ୍କ ମହାମେଳଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ରଘୁନାଥ ଦେବଙ୍କ ନିମନ୍ତ୍ରଣ କ୍ରମେ ଏହି ଉତ୍ସବରେ ୨୨ ବିଷ୍ଣୁ ଠାକୁରଙ୍କ ସମେତ ୩ କାଠି ଠାକୁରାଣୀ ସାମିଲ ହୋଇଥିଲେ। ଯଜ୍ଞର ପୂର୍ଣ୍ଣାହୁତି ପରେ ଦେବଦେବୀଙ୍କ ମହାମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

### ପରିବହନ ବିଭାଗର ନିର୍ଦ୍ଦେଶକୁ ବେଖାତିର

## ଦୂରଗାମୀ ବସ୍ ସେବାରୁ ବଞ୍ଚିତ ଟାଙ୍ଗୀ ଚାନ୍ଦପୁରବାସୀ

ଟାଙ୍ଗୀ,୨୭।୨(ସମିସ): ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର କରି ଶତାଧିକ ଘରୋଇ ଓ ସରକାରୀ ଯାତ୍ରୀବାହୀ ବସ ଟାଙ୍ଗୀ ଚାନ୍ଦପୁର ବାଇପାସ ଦେଇ ଯାତାୟତ କରୁଥିବାରୁ ଦୂରଦୂରାନ୍ତକୁ ଯାତାୟତ ପାଇଁ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ କେତୋଟି ହାତ ଗଣତି ଡିଲକ୍ସ, ଦ୍ରୁତଗାମୀ ସେ ଘରୋଇ ହେଉ କି ସରକାରୀ ଯାତ୍ରୀବାହୀ ବସକୁ ବାଦ ଦେଲେ ବ୍ରହ୍ମପୁର, ଆସିକା, ପୋଲସରାରୁ କଟକ ଭୁବନେଶ୍ୱର ଯାତାୟତ କରୁଥିବା ପ୍ରାୟ ଦୁଇ ଶହରୁ ଅଧିକ ବସ୍‌ଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ସାରଣୀ ସହ ଟାଙ୍ଗୀ ଚାନ୍ଦପୁର ଟାଉନ ଦେଇ ଯାତାୟତ କରିବା ରାଜ୍ୟ ପରିବହନ ପ୍ରାଧକାରୀ ଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ପରମିଟରେ ଉଲ୍ଲେଖ ରହିଛି। କିନ୍ତୁ ସେ ଯାତ୍ରୀବାହୀ ବସ ଗୁଡିକ ଟାଙ୍ଗୀ, ଚାନ୍ଦପୁର ବାଇପାସ ଦେଇ ଯାତାୟତ କରୁଥିବାରୁ ଦୂରଦୂରାନ୍ତକୁ ଯାତାୟତ ପାଇଁ ଯାତ୍ରୀ ନାହିଁ ନଥିବା ହଇରାଣ ହେଉଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚାନ୍ଦପୁରରେ ଥିବା ଯକ୍ଷ୍ମା ଓ ବିଭିନ୍ନ ରୋଗର ନିଦାନ ପାଇଁ ଗଞ୍ଜାମ ଜିଲ୍ଲାରୁ ଆସୁଥିବା ରୋଗୀଙ୍କୁ ଚାନ୍ଦପୁର ବାଇପାସରେ ଓହ୍ଲାଇ ଦିଆଯିବା ଫଳରେ ଯାତ୍ରୀ ଚାଲି ଚାଲି ଚିକିତ୍ସାଳୟରେ ପହଞ୍ଚିବା ଅକଥନୀୟ ଦୁର୍ଦ୍ଦଶାର ନମୁନା ବୋଲି କୁହାଯାଉଛି। ବହୁ ଯାତ୍ରୀବାହୀ ବସ ମଧ୍ୟ ପରିବହନ ବିଭାଗର ସରଳତାର ସୁଯୋଗ ନେଇ ବିନା ସମୟ ସାରଣୀରେ ଯାତାୟତ କରୁଛନ୍ତି। ଟାଙ୍ଗୀ ଚାନ୍ଦପୁର ରାସ୍ତା ସଂପ୍ରସାରଣ ସହ ଟାଙ୍ଗୀକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ପରେ ଏ ଅଞ୍ଚଳର କଳେବରରେ ପରିବର୍ତ୍ତନ ଘଟିଛି। କିଛି ସ୍ୱେଚ୍ଛାସେବୀ ଟାଙ୍ଗୀ ବାଇପାସରେ ବାଇପାସ ଦେଇ ଯାତାୟତ କରୁଥିବା ବସ ଗୁଡ଼ିକୁ ଟାଙ୍ଗୀ ଟାଉନ ଭିତରେ ଦେଇ ଯିବା ପାଇଁ ଦୁଇ ଦିନ ପରିଶ୍ରମ ସତ୍ତ୍ୱେ କୌଣସି ପ୍ରଭାବ ପଡ଼ି ପାରିନାହିଁ। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ବିଭାଗ, ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ, ଉଭୟ ଟାଙ୍ଗୀ, ଚାନ୍ଦପୁର ପୁଲିସ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଦୃଷ୍ଟି ଆକର୍ଷଣ କରିଛନ୍ତି।



### ଫଗୁ ଦଶମୀରେ ମା' ଭଗବତୀଙ୍କ ଅବିର ଲାଗି ପରେ ଦୋଳଯାତ୍ରା ଆରମ୍ଭ

# ଚନ୍ଦ୍ରଗ୍ରହଣ ଲାଗି ନୀତିକାନ୍ତିରେ ପରିବର୍ତ୍ତନ

ବାଣପୁର,୨୭।୨(ସମିସ)

ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଦୋଳ ଯାତ୍ରା ଆରମ୍ଭ ହୋଇଛି। ଫାଲ୍‌ଗୁନ ଶୁକ୍ଳ ଦଶମୀ ତଥା ଫଗୁଦଶମୀରେ ଭିତର ଫଗୁ ନୀତିରେ ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ବେଶ, ମହାପ୍ରସାଦ ଲାଗି ପରେ ବଲ୍ଲଭ ଆଳତୀ ହୋଇ ଅବୀର ସହିତ ଚଣା ଶାକର ଲାଗି ହେବା ପରେ ମଧ୍ୟାହ୍ନ ଧୂପ ହୋଇ ପହୁଡ଼ ପଡିଥିବା ବେଳେ ସଂଧ୍ୟାରେ ନିଶଙ୍କୁଡ଼ି ଧୂପ, ଆଳତି, ବଡ଼ସିଂହାର ଧୂପ ପରେ ପହୁଡ଼ ହୋଇଥିଲା। ଶୁକ୍ଳ ଏକାଦଶୀ ରାତିରେ ବଡ଼ସିଂହାର ପରେ ମା'ଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ଶ୍ରୀ ଦକ୍ଷେଶ୍ୱର ଦେବ, ଶ୍ରୀ ରଙ୍ଗନାଥ ଦେବ ଓ ଶ୍ରୀ ରଘୁନାଥ ଦେବ ଦକ୍ଷେଶ୍ୱର ମନ୍ଦିରରେ ସମ୍ମିଳିତ ହୋଇ ସେଠାରୁ ବାଜା ରୋଷଣି ସହ ବିଷରପାଟଣା ଯାତ୍ରା ଆରମ୍ଭ ହେବ।

ଚଳିତ ବର୍ଷ ଦୋଳ ପୂର୍ଣ୍ଣମୀ ମଙ୍ଗଳବାର ଦିନ ଚନ୍ଦ୍ରଗ୍ରହଣ ଲାଗୁଥିବାରୁ ଉକ୍ତ ଦିନ ସକାଳ ୬ଟା ୯ ମିନିଟରୁ ସଂଧ୍ୟା ୬ଟା ୪୭ମିନିଟ୍ ପର୍ଯ୍ୟନ୍ତ ଦେବନୀତି ବନ୍ଦ ହେଉ ଥିବାରୁ ମା'କାଠିଠାକୁରାଣି ଚତୁର୍ଦ୍ଦଶୀ ମାର୍ଚ୍ଚ ୨ତାରିଖ ସୋମବାର ଦିବା ୧୧ଘଟିକାରୁ ଶ୍ରୀଉମାମହେଶ୍ୱର ଦେବ ବିଜେ ବାଲୁଗାଁ ଦକ୍ଷେଶ୍ୱର ମନ୍ଦିରରେ ପହଞ୍ଚିବା ପରେ ମା' ଶାସନ ବାଡିକୁ ଯାତ୍ରା କରି ତିନି ଶାସନର ଚାଚେରୀ ନିତି ସାରି ରାତ୍ର ୯ ଘଟିକାରେ ପରିଚ୍ଛାଙ୍କ ଦୁଆରେ ଚାଚେରୀ ଭୋଗ ଖିଆ ପରେ ରାତ୍ର ୧୧.୩୦ଘଟିକାରେ ଅଗିରା ଗୋହିରୀ ପଡ଼ିଆକୁ ବିଜେ କରି ଅଗୀରା ଉତ୍ସବ ପରେ ଶ୍ରୀଉମାମହେଶ୍ୱର ଦେବଙ୍କୁ ବିଦାୟ ଦେଇ ମଧ୍ୟରାତ୍ରରେ ମନ୍ଦିରକୁ ଫେରି ବଡସିଂହାର ପରେ ପହୁଡ଼ ପଡିବାକୁ ନିତି ନିର୍ଘଣ୍ଟ ହୋଇଛି।

ପୁଣି ପୂର୍ଣ୍ଣମୀ ଦିନ ଗ୍ରହଣ ସର୍ବ ମୋକ୍ଷ ପରେ ମହାସ୍ନାନ ହୋଇ ମନ୍ଦିର ଶୋଧ ପରେ ସଂଧ୍ୟା ୭ ଘଟିକାରୁ ଉକ୍ତ ଦିନର ଅବକାଶ ଖଇ ଧୂପ, ଶଙ୍କୁଡ଼ି, ନିଶଂକୁଡ଼ି ଧୂପ ସାରି ରାତ୍ର ଦ୍ୱିତୀୟ ପ୍ରହରରେ ଦୋଳିକୁ ବିଜେ କରିବା ପରେ ଗଣକ ନୂତନ ପାଞ୍ଜି ପଠନ କରିବେ ବୋଲି ଶୁକ୍ରବାର ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ତତ୍ତ୍?ାବଧାନରେ ଅନୁଷ୍ଠିତ ନିଯୋଗୀ ବୈଠକରେ ସ୍ଥିରୀକୃତ ହୋଇଛି।ପାଞ୍ଚ ଦିନ ଧରି ପାଳିତ ମା'ଙ୍କ ଏହି ନିଆରା ପାରମ୍ପରିକ ଦୋଳ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେବାକୁ ଥିବା ବେଳେ ସାରା ବାଣପୁର ଉତ୍ସବମୁଖର ହୋଇ ଉଠିବ।

## ଖୋର୍ଦ୍ଧା ରାଜ ବିଦ୍ରୋହ ଥିଲା ପାଇକ ବିଦ୍ରୋହର ପ୍ରଥମ ସୋପାନ

ଖୋର୍ଦ୍ଧା,୨୭।୨(ସମିସ): ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ସଂଗଠିତ ଖୋର୍ଦ୍ଧା ରାଜ ବିଦ୍ରୋହ ହିଁ ଥିଲା ୧୮୧୭ ପାଇକ ବିଦ୍ରୋହର ପ୍ରଥମ ସୋପାନ। ଖୋର୍ଦ୍ଧାର ନାବାଳକ ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କ ତତ୍ତ୍ୱାବଧାରକ ତଥା ଅଭିଭାବକ ଜୟୀ ରାଜଗୁରୁ ପ୍ରଥମ ଥର ପାଇଁ ଖୋର୍ଦ୍ଧା, କନିକା ଏବଂ କୁଜଙ୍ଗ ରାଜପରିବାରକୁ ଏକତ୍ର କରି ସିଧାସଳଖ ଔପନିବେଶିକ ବ୍ରିଟିଶ ଶାସନ ବିରୁଦ୍ଧରେ ଏକ ସଶସ୍ତ୍ର ସଂଗ୍ରାମର ସୂତ୍ରପାତ କରାଇଥିଲେ। ଖୋର୍ଦ୍ଧା ରାଜ୍ୟର ଅନେକ ଦଳବେହେରା-ଦଳେଇ, ଜମିଦାର ଏବଂ ସାମନ୍ତମାନଙ୍କୁ ଏକାଠି କରି ଇଂରେଜ ସେନା ବିରୁଦ୍ଧରେ ମାତୃଭୂମିର ସୁରକ୍ଷା ପାଇଁ ପ୍ରାଣବଳି ଦେବାକୁ ପଛାଇ ନଥିଲେ। ତାଙ୍କ ସହ ୧୮୦୪ ମସିହା ରାଜବିଦ୍ରୋହରେ ଯୋଗଦେଇଥିବା ଖୁଦୁପୁର, ଦାରୁଠେଙ୍ଗ, ଜାମୁକୋଳି, ବେଙ୍ଗିଟାଙ୍ଗି, ଗଡଖାରଦ, ଗଡ଼ ମାଟିଆପଡ଼ା ଗଡ଼ର ଦଳବେହେରା ମାନେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଏଣୁ ୧୮୦୪ ରାଜ ବିଦ୍ରୋହ ମାତୃଭୂମିର ସାର୍ବଭୌମତ୍ୱ ସଂଗ୍ରାମ କରିଥିବା ପାଇକ ବିଦ୍ରୋହର ଆଦିପର୍ବ ବୋଲି ଭୁବନେଶ୍ୱର ସହିଦନଗର ସ୍ଥିତ ଜୟଦେବ କମ୍ପ୍ଲେକ୍ସ ସଭାଗୃହରେ ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ 'ତ୍ରିକଳିଙ୍ଗ'ର ୮ମ ବାର୍ଷିକ ଜାନୁଆରୀ ସଂଖ୍ୟାର ଉନ୍ମୋଚନ ଉତ୍ସବ ଅବସରରେ ଅତିଥି ମାନେ ନିଜ ମତ ପ୍ରକାଶ କରିଥିଲେ। ତ୍ରିକଳିଙ୍ଗର ପ୍ରତିଷ୍ଠାତା ସମ୍ବିତ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖପତ୍ର ଉନ୍ମୋଚନ ଅବସରରେ ଆୟୋଜିତ 'ରାଜବିଦ୍ରୋହ ପାଇକ ବିଦ୍ରୋହକୁ ପ୍ରେରଣା ଦେଇଥିଲା କି' ଶୀର୍ଷକ ଆଲୋଚନାଚକ୍ରରେ ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠ ନାଥ ରାଜଗୁରୁ, ବରିଷ୍ଠ ଐତିହାସିକ ଡ. ପ୍ରଫୁଲ୍ଲ ତ୍ରିପାଠୀ, ପ୍ରଫେସର ଡ. ନାରାୟଣ ରାଓ ଏବଂ ସାମାଜିକକର୍ମୀ ଦିଲ୍ଲୀପ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ଏଥିରେ ଡ. ଜଟାଧାରୀ ମିଶ୍ର, ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ଡ. ପ୍ରତିଭା ମୟୀ ମିତ୍ର, ଡ. କୀର୍ତ୍ତନ ନାରାୟଣ ପାଢ଼ି, ଡ. ଅଭୟ କୁମାର ନାୟକ ଓ ଶିବସୁନ୍ଦର ପଟ୍ଟନାୟକ ପ୍ରମୁଖ ଭାଗନେଇଥିଲେ। ଗବେଷକ ଲକ୍ଷ୍ମଣ କୁମାର ମନ୍ତ୍ରୀ ସଂଯୋଜନା କରିଥିଲେ। ପ୍ରଫୁଲ୍ଲ ସାମନ୍ତରା ଧନ୍ୟବାଦ ଦେଇଥିଲେ।

## ଏକତରଫା ପ୍ରେମରୁ ନାବାଳିକାଙ୍କ ବାପା ମା'ଙ୍କୁ ଆକ୍ରମଣ

ଜଟଣୀ,୨୭।୨(ସମିସ): ଜଟଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଜନୈକ ଯୁବକ ଏକ ତରଫା ପ୍ରେମ କରିବା ସହ ତାଙ୍କ ବାପା ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଜଟଣୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଜଟଣୀ କୁଦିଆରୀ ଅଞ୍ଚଳର ଜଣେ ନାବାଳିକା ଝିଅକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଏକ ତରଫା ପ୍ରେମ କରି ଆସୁଥିଲା। ଯୁବକ ଜଣକ ବିଭିନ୍ନ ସମୟରେ ନାବାଳିକା ଝିଅକୁ ସ୍କୁଲ ଯିବା ଆସିବା ବାଟରେ ହଇରାଣ ହରକତ କରୁଥିବା ବେଳେ ଯୁବକଙ୍କ ବାପା ମଧ୍ୟ ଇଙ୍ଗିତ କରୁଥିବା ଝିଅ ଅଭିଯୋଗ କରିଥିଲା। ନାବାଳିକା ଝିଅର ବାପା ଯୁବକଙ୍କ ଘରକୁ ଯାଇ ପଚାରିବାରେ ସେମାନେ ପାଲଟା ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଲୁହାରଡ଼ରେ ମୁଣ୍ଡକୁ ଆକ୍ରମଣ କରି ଲହୁଲୁହାଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ କୁଦିଆରୀ ଅଂଚଳର ସୋମନାଥ ନାୟକ ଓ ସୋନୁ ନାୟକଙ୍କ ନାମରେ ଅଭିଯୋଗ ହୋଇଥିବା ପୁଲିସ କହିଛି।

## ମଦ ସହ ବାଇକ୍ ଜବତ; ଜଣେ ଗିରଫ

ବାଲୁଗାଁ,୨୭।୨(ସମିସ): ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ବାଲେଡ଼ି କେନାଲ ରାସ୍ତା ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ। ବାଣପୁର ଥାନ ଅଧିନ ଦାସରଥିପୁର (ପୋଡ଼ାସାହି) ଗ୍ରାମର ପ୍ରଶାନ୍ତ ଘଡ଼େଇ(୩୩) କୁ ଗିରଫ କରି ତା' ନିକଟରୁ ୪୮ ଲିଟର ଦେଶୀ ମହୁଲି ମଦ ସହ ବେଆଇନ ମଦ କାରବାରରେ ବ୍ୟବହୃତ ସ୍କୁଟି ଜବତ କରିଛି ଅବକାରୀ ବିଭାଗ। ଏନେଇ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ପ୍ରଶାନ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଖୋର୍ଦ୍ଧା,୨୭।୨(ସମିସ): ଆଦର୍ଶ ଥାନା ପୁଲିସ ସ୍ଥାନୀୟ ଗାନ୍ଧିପଡ଼ିଆରେ ଚଢଉ କରି ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ଗଡ଼ଦ୍ୱାରସାହିର ଅନନ୍ତ କାଣ୍ଡି (୨୬)। ପୁଲିସ ସୂଚନା ଅନୁସାରେ, ଅନନ୍ତ ଗାନ୍ଧିପଡିଆରେ ଜଣେ ଗ୍ରାହକକୁ ଅପେକ୍ଷା କରିଥିବା ଖବର ପାଇ ପୁଲିସ ଚଢଉ କରି ତାକୁ ଧରିଥିଲା। ତା' ଠାରୁ ୧୦ଗ୍ରାମ ବ୍ରାଉନସୁଗର ଓ ଏକ ଫୋନ୍ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ଲକ୍ଷେ ଟଙ୍କା ହେବ। ଏନେଇ ପୁଲିସ ନଂ.୧୧୬/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅନନ୍ତ କୁ ପୁଲିସ କୋର୍ଟ ଚାଲାଣ କରିଛି।

## ମଙ୍ଗଳା ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା

ଭୂଷଣ୍ଡପୁର,୨୭।୨(ସମିସ): ଟାଙ୍ଗୀ ବ୍ଲକ ଅଧିନସ୍ଥ ଭୂଷଣ୍ଡପୁର ଗ୍ରାମପଂଚାୟତର ଭୂଷଣ୍ଡପୁର ବେହେରାସାହି ଗ୍ରାମର ମଙ୍ଗଳା ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ଓ ଦେବୀଙ୍କର ଚଣ୍ଡୀଯଜ୍ଞ ମହୋତ୍ସବ



ଅନୁଷ୍ଠିତ ହୋଇଯାଇଛି। ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ସୂର୍ଯ୍ୟ ପୂଜା, ଗୋପୂଜା ପରେ ଆଜି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆଖପାଖର ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଉତ୍ସବକୁ ଗ୍ରାମର ଦଣ୍ଡପାଣି ବେହେରା, ସୁର ବେହେରା, କୃପାସିନ୍ଧୁ ବେହେରା, ବିଷ୍ଣୁ ବେହେରା ଏବଂ ବ୍ରଜବନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ସଟସର୍କିଟରୁ ଗୋଦାମ ଘରେ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ

ବାଲୁଗାଁ,୨୭।୨(ସମିସ): ବାଲୁଗାଁ ନିକଟ ସୁବୁଦ୍ଧିପାଟଣା ଗ୍ରାମ ସ୍ଥିତ ଏକ ଗାଡ଼ି ପାର୍ଟସ ଗୋଦାମ ଘରେ ଶୁକ୍ରବାର ମଧ୍ୟାହ୍ନରେ ବିଦ୍ୟୁତ୍ ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପାର୍ଟସ ଓ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବାଲୁଗାଁ ଅଗ୍ନିଶମ ବାହିନୀ ପହଁଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି। ସୂଚନା ମୁତାବକ, ସୁବୁଦ୍ଧିପାଟଣା



ଗ୍ରାମର ଦୀପକ ସୁବୁଦ୍ଧି ଗ୍ରାମ ସ୍ଥିତ ନିଜ ଘର ଉପର ମହଲାରେ ବିଭିନ୍ନ ଗାଡ଼ିର ପାର୍ଟସ ରଖି ବ୍ୟବସାୟ କରିଆସୁଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଧୂଆଁ ବାହାରୁଥିବାରୁ ପରିବାର ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେବା ସହ ଗ୍ରାମର କିଛି ଲୋକଙ୍କ ସହିତ ମିଶି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଟାଙ୍ଗୀ,୨୭।୨(ସମିସ): ଆଜି ଟାଙ୍ଗୀ ପୁଲିସ ଓ ଅଗ୍ନିଶମ ବିଭାଗ ମିଳିତ ସହଯୋଗରେ ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ଟାଙ୍ଗୀ ଷଣ୍ଢ ସାହିର ଅରିଆ ଷଣ୍ଢଙ୍କ ପୁଅ ମାନସ(୩୦)ଙ୍କ ମୃତ ଦେହ ଟାଙ୍ଗୀ ଗୋଡିପାଟଣା ସାହିରେ ଥିବା ଡିଗି ପୋଖରୀରେ ଭାସୁଥିବା ଅବସ୍ଥାରେ ଉଭୟ ଉଦ୍ଧାର କରାଯାଇଥିବା ବେଳେ ଆଇନଗତ ଦୃଷ୍ଟିରୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପୁଲିସ ବ୍ୟବସ୍ଥା କରୁଥିବା ସୂଚନା ମିଳିଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ରହସ୍ୟ ଲୋକଲୋଚନକୁ ଆସିବ ବୋଲି କୁହାଯାଇଛି। ଟାଙ୍ଗୀ ପୁଲିସ ଏକ ମୋକଦମା କରି ଘଟଣାର ତଦନ୍ତ କରୁଛି।

## ଦେଶୀ ମଦ ସହ ସ୍କୁଟି ଜବତ, ଜଣେ କୋର୍ଟଚାଲାଣ

ବେଗୁନିଆ,୨୭।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଚଢ଼ଉ ହୋଇଛି। ଏଥିରେ ପିଚୁକୁଳି ବଜାରରୁ ୫୫ଲିଟର ହାତ ରନ୍ଧା ଦେଶୀ ମଦ ସହ ସ୍କୁଟି ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଅଭିଯୁକ୍ତ ଘର ହେଉଛି ଭୁବନେଶ୍ୱର ସହିଦନଗର ସ୍ଥିତ ସାନ୍ତାଳ ସାହିରେ।




## ଅଲ୍ଟ୍ରାଫାଷ୍ଟ ସ୍ପେକ୍ଟ୍ରୋସ୍କୋପି'



ଜଟଣୀ,୨୭।୨(ସମିସ): ଭାରତୀୟ ପଦାର୍ଥବିଜ୍ଞାନୀ ଏବଂ ନୋବେଲ ପୁରସ୍କାର ବିଜେତା ସାର୍ ସି.ଭି. ରମଣଙ୍କ ଦ୍ୱାରା ଭ୍ରମଣ ପ୍ରଭାବର ଉଦ୍ଭାବନକୁ ସ୍ମରଣ କରି ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଛି, ଯାହାର ବିଷୟବସ୍ତୁ ହେଉଛି ବିଜ୍ଞାନରେ ମହିଳା: ଉତ୍ତେଜକ ଭାରତ'। ଏହି ଉତ୍ସବର ଏକ ଅଂଶ ଭାବରେ, ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ (ନାଇଜର), ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ "କ୍ୱାଣ୍ଟମ୍ ବିଶ୍ୱରେ ଅଲ୍ଟ୍ରାଫାଷ୍ଟ ସ୍ପେକ୍ଟ୍ରୋସ୍କୋପି' ଉପରେ ଏକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଘୋଷ ତାଙ୍କ ଭାଷଣରେ କହିଥିଲେ ଯେ ଏକ ଶତାବ୍ଦୀର କ୍ୱାଣ୍ଟମ୍ ବିଜ୍ଞାନ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ମୌଳିକ ଭାବରେ ପୁନଃଆକୃତି ଦେଇଛି। - ସେମିକଣ୍ଡକ୍ଟର ଏବଂ ଅଲ୍‌ଫା ଲେଜରରୁ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପର୍ଯ୍ୟନ୍ତ। ଅଣୁ ଏବଂ ସାମଗ୍ରୀ ଯାଞ୍ଚ କରିବା ପାଇଁ ଅଲ୍ଟ୍ରାଫାଷ୍ଟ ସ୍ପେକ୍ଟ୍ରୋସ୍କୋପି ବ୍ୟବହାର କରି ତିନି ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରି, ସେ ଗୁରୁତ୍ୱାରୋପ କରିଥିଲେ ଯେ ଫେମଟୋ ସେକେଣ୍ଡ ଏବଂ "ଆଟୋସେକେଣ୍ଡ ପ୍ରକ୍ରିୟାଗୁଡ଼ିକୁ ବୁଝିବା ପରବର୍ତ୍ତୀ ପିଢ଼ିର ଅପ୍ଟୋଇଲେକ୍ଟ୍ରୋନିକ୍ ଡିଭାଇସଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ଉଲ୍ଲେଖ କରିଥିଲେ ଯେ ଆଜି ଦୈନନ୍ଦିନ ବ୍ୟବହାରରେ ଅନେକ ପ୍ରଯୁକ୍ତିବିଦ୍ୟା, ଯେପରିକି ଏଲଇଡି, ମୋବାଇଲ୍ ଡିସପ୍ଲେ ଏବଂ ସୌର କୋଷ, ଦୀର୍ଘକାଳୀନ ମୌଳିକ ଗବେଷଣାର ଫଳାଫଳ ସେ ଭାରତରେ ଭବିଷ୍ୟତର ବୈଜ୍ଞାନିକ ସଫଳତାକୁ ଆଗେଇ ନେବା ପାଇଁ ପଦାର୍ଥବିଜ୍ଞାନୀ, ରସାୟନବିଦ, ଇଞ୍ଜିନିୟର ଏବଂ ଜୀବବିଜ୍ଞାନୀମାନଙ୍କ ମଧ୍ୟରେ ଦୃଢ଼ ଆନ୍ତଃଶାଖାଗତ ଯୋଗାଯୋଗର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ, ଆଇଆଇଟି ଭୁବନେଶ୍ୱରର ସ୍ନାତକୋତ୍ତର ଏବଂ ଗବେଷଣା କାର୍ଯ୍ୟକ୍ରମର ଡିନ୍ ପ୍ରଫେସର ଚନ୍ଦ୍ରଶେଖର ଭେଣ୍ଡେ ସ୍ୱାଗତ ଭାଷଣ ଏବଂ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ, ଗବେଷକ ବିଦ୍ୱାନମାନେ ପୋଷ୍ଟର ଉପସ୍ଥାପନା ମାଧ୍ୟମରେ ସେମାନଙ୍କର ଗବେଷଣା କାର୍ଯ୍ୟ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠାନର ଅଧ୍ୟାପକ, କର୍ମଚାରୀ, ଛାତ୍ର ଏବଂ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ।

# ଇତିହାସ ପାଲଟିବ ପଥର ଖୋଦେଇ ହସ୍ତକଳା

### ଖୋଦେଇ କାମ ପାଇଁ ମିଳୁନି ଆବଶ୍ୟକ ପଥର | ନାମ ଫଳକରେ ସୀମିତ ପଥର ଖୋଦେଇ ଶିଳ୍ପୀ ଗ୍ରାମ

ନିରାକାରପୁର,୨୭।୨(ସମିସ)

ବିଶ୍ୱ ଦରବାରରେ ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ଗ୍ରାମ ପଥର ଖୋଦେଇରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାବେଳେ ସମ୍ପ୍ରତି ଏହି ଶିଳ୍ପ ଏବେ ସଙ୍କଟରେ। ପଥର ଖୋଦେଇ କାରିଗର ବା ଶିଳ୍ପୀ ବସବାସ କରୁଥିବା ନରଣଗଡ଼ ଗ୍ରାମ ପଞ୍ଚାୟତକୁ ଅଦ୍ୟାବଧି ପଥର ଖୋଦେଇ ଶିଳ୍ପଗ୍ରାମର ମାନ୍ୟତା ମିଳିନାହିଁ। କେବଳ ନାମ ଫଳକରେ ସୀମିତ ରହିଛି ପଥର ଖୋଦେଇ ଗ୍ରାମ। ସରକାର ନରଣଗଡ଼ ପଞ୍ଚାୟତର ପ୍ରବେଶ ପଥ ରାସ୍ତାରେ ଏହି ଫଳକ ଲଗାଇ ନିଜର ଦାୟିତ୍ୱ ସାରି ଦେଇଥିବା ସାଧାରଣରେ ମତ ପ୍ରକାଶ ପାଉଛି।

ସୂଚନା ଅନୁସାରେ, ପଥର ଖୋଦେଇ ହସ୍ତଶିଳ୍ପ ନରଣଗଡ଼ ଗ୍ରାମ ପଞ୍ଚାୟତର ନରଣଗଡ଼, ଭୋଗପୁର, ହାଡ଼ପଦା, କୁରୁମପଡ଼ା ଗ୍ରାମର କାରିଗରମାନେ କେଉଁ ଆବହମାନ କାଳରୁ କରିଆସୁଥିଲେ। ୧୨୦୦ ଶତାବ୍ଦୀ ବେଳରୁ ଏହି ହସ୍ତକଳାକୁ ବଞ୍ଚାଇ ରଖୁଥିବା ଏହି ଗ୍ରାମର କାରିଗର ପରିବାର ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି।



ସେମାନଙ୍କର ମୁଖ୍ୟ ସମସ୍ୟା ପାଲଟିଛି ପଥର। ପୂର୍ବରୁ କାରିଗରମାନେ ଭୋଗପୁର ଗ୍ରାମର ବଉଳମାଳ ପାହାଡ଼ରୁ ପଥର ଉତ୍ତୋଳନ କରି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ବଜାରରେ ବିକ୍ରି କରୁଥିଲେ। ଏହାଦ୍ୱାରା ନିଜର ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ପରିସ୍ଥିତିରେ ସରକାର ବଉଳମାଳ ପାହାଡ଼କୁ ଓଡ଼ିଶା ଖଣି ନିଗମକୁ ଟେକି ଦେବା ଫଳରେ ପଥର ପାଇବାରୁ ବଞ୍ଚିତ ହେଉଛନ୍ତି ଶିଳ୍ପୀ ପରିବାର। ଯଦିଓ ସରକାର ଉତ୍କଳିକା ସହାୟତାରେ ଶିଳ୍ପୀଙ୍କୁ ପଥର ଯୋଗାଇ ଦେଉଛନ୍ତି ତାହା ସମୁଦ୍ରକୁ ଶଙ୍ଖେ। ତାହା ପୁଣି ଅତି ନିମ୍ନମାନର ହେବା ସହ କଟା ହୋଇ ଅଦରକାରୀ ଭାବେ ପଡ଼ିଥିବା ପଥର ଖଣ୍ଡଗୁଡ଼ିକ ଦେଉଥିବା ଶିଳ୍ପୀମାନେ ଅଭିଯୋଗ କରିଛନ୍ତି। ନରଣଗଡ଼ ପଞ୍ଚାୟତର ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ପରିବାର ଉକ୍ତ କଳାକୁ ନିଜର କୌଳିକ ବୃତ୍ତି ଭାବେ ଗ୍ରହଣ କରି ଜେଜେ ବାପା ଅମଳରୁ କରି ଆସୁଛନ୍ତି। ସରକାର ଉକ୍ତ ପରିବାର ଲୋକଙ୍କଠାରୁ ରୋଜଗାର ଛଡ଼ାଇ ନେବା ଫଳରେ ବୃତ୍ତି ପ୍ରତି ବିମୁଖ ହୋଇ କାରିଗରମାନେ ଦାଦନ ଖଟିବାକୁ ଯାଉଛନ୍ତି। ଯେଉଁ ହସ୍ତକଳାକୁ ନେଇ



ଓଡ଼ିଶା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ସେହି କରିଗରଙ୍କ ବଂଶଧରମାନେ ଏବେ ଦୟନୀୟ ଭାବେ ଦିନ କାଟୁଛନ୍ତି। ସରକାର ମଧ୍ୟ ଉକ୍ତ ପରିବାରକୁ ଅନୁକମ୍ପା ଦେଖାଇବା ପରିବର୍ତ୍ତେ ଅସହଯୋଗ କରୁଥିବା ଶିଳ୍ପୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ପଞ୍ଚାୟତରେ କେତେ ଶିଳ୍ପୀ କାମରେ ନିୟୋଜିତ ଅଛନ୍ତି ତାହା ମଧ୍ୟ ସରକାରଙ୍କ ପାଖରେ ସଠିକ ତଥ୍ୟ ନଥିବା ବେଳେ ସରକାରୀ ସାହାଯ୍ୟ ସହଯୋଗରୁ ବହୁ ଶିଳ୍ପୀ ବଞ୍ଚିତ ହେଉଛନ୍ତି। ସରକାର ପଥର ଖୋଦେଇ ଶିଳ୍ପୀଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ବହୁ ଯୋଜନା ପ୍ରଣୟନ କରୁଥିବା ବେଳେ ବିଭାଗର ସରକାରୀ ବାବୁଙ୍କ ପାଦ ପ୍ରାୟତଃ ପଡ଼େନି ଉକ୍ତ ପଞ୍ଚାୟତରେ। କେବଳ ଗ୍ରାମର ପ୍ରବେଶ ପଥରେ ନାମଫଳକ ବିଭାଗ ତରଫରୁ ମାରି ଦିଆଯାଇଥିବା ଦେଖିବାକୁ ମିଳୁଛି। ଶିଳ୍ପୀଙ୍କ ବହୁ ଦାବିପତ୍ର ପ୍ରଦାନ ସତ୍ତ୍ୱେ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ରାଜନେତାଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ସଦୃଶ ହୋଇଛି। ସରକାର ନରଣଗଡ଼ର ପରମ୍ପରା ଓ ଐତିହ୍ୟ ପଥର ଖୋଦେଇ ଶିଳ୍ପକୁ ବଞ୍ଚାଇ ରଖିବାକୁ ଏକ ଯୋଜନା ପ୍ରସ୍ତୁତ କରିବା ଜରୁରୀ। କାରିଗରଙ୍କୁ ଦୀର୍ଘ ମିଆଦି ସୂତ୍ରରେ ଆର୍ଥିକ ସହାୟତା ପ୍ରଦାନ ସହ ନରଣଗଡ଼ ଗ୍ରାମ ପଞ୍ଚାୟତକୁ ପଥର ଖୋଦେଇ ଶିଳ୍ପୀ ଗ୍ରାମ ଭାବେ ଘୋଷଣା କରିବା, ଜାତୀୟ ରାଜପଥ ମଳିପଡ଼ା ଛକରେ ଏକ ଶିଳ୍ପ ଗ୍ରାମର ତୋରଣ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

